# ଗ୍ରାମ ବିକାଶରେ ମହିଳା ସଂଗଠନ "ୱାର୍ଡ଼"
## କେନ୍ଦୁଝର, ଓଡ଼ିଶା

ଗ୍ରାମାଞ୍ଚଳର ବିକାଶରେ ମହିଳା ସଂଗଠନ **'ୱାର୍ଡ଼'** ଏକ ଅଗ୍ରଣୀ ଭୂମିକା ଗ୍ରହଣକରି ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ହେବ ସମାଜସେବା, ଗ୍ରାମାଞ୍ଚଳର ଭିତ୍ତିଭୂମି ସ୍ଥାପନା ସହିତ ମହିଳାମାନଙ୍କ ବିକାଶ ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛି । ଅସହାୟ, ଗରୀବ, ଦଳିତ, ଅବହେଳିତ, ନିଷ୍ପେଷିତ ଆଦିବାସୀ ଓ ପଛୁଆ ବର୍ଗଙ୍କ ବିକାଶ ଓ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରୟାସ ନେଇ ୧୯୯୨ ମସିହାରୁ ସାମାଜିକ ପଞ୍ଜିକରଣ ଆଇନ ଧାରା ୨୧-୧୮୬୦ ଅନୁଯାୟୀ ପଞ୍ଜିକୃତ ହୋଇଅଛି । ମହିଳାମାନଙ୍କ ବିକାଶ, ସମସ୍ୟା ସମାଧାନରେ ବଳିଷ୍ଠ ତଥା ସ୍ଥାୟୀ ପଦକ୍ଷେପ ଯୋଗୁଁ 'ୱାର୍ଡ଼' ରାଜ୍ୟସ୍ତରୀୟ ମହିଳା ସଂଗଠନର ମାନ୍ୟତା ପାଇଅଛି ।

ଅଗମ୍ୟ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଓ ଦେବଗଡ଼ ଜିଲ୍ଲାର ୫ ଗୋଟି ବ୍ଲକ ଓ ୮୦ ଗୋଟି ଗ୍ରା.ପ.ର ଆଦିବାସୀ ଓ ପଛୁଆବର୍ଗ ଜନସାଧାରଣଙ୍କ ସାମୂହିକ ବିକାଶ ପାଇଁ **'ୱାର୍ଡ଼'** ଦୃଢ଼ ସଂକଳ୍ପବଦ୍ଧ । ବଳିଷ୍ଠ ସମାଜସେବା, ସୁଦୂର ପ୍ରସାରୀ କାର୍ଯ୍ୟାବଳୀ, ଦୃଷ୍ଟାନ୍ତ ମୂଳକ ଯୋଜନା ପ୍ରଣୟନ ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ବହୁବାର ପୁରସ୍କୃତ ହୋଇଅଛି । ସଂଗଠନର ସୁଦୂର ପ୍ରସାରୀ କାର୍ଯ୍ୟକ୍ରମ, ବିଳକ୍ଷ ଅନୁଶାସନ, ନିର୍ଦ୍ଧନ୍ଦରେ କାର୍ଯ୍ୟକରିବାପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ତଥା ତ୍ୟାଗପୂତ କର୍ମୀମାନଙ୍କ ଯୋଗୁଁ ଜିଲ୍ଲା/ରାଜ୍ୟସ୍ତରରେ ଏକ ଭିନ୍ନ ପରିଚୟ ସୃଷ୍ଟି କରେ ।

**ଅନୁଷ୍ଠାନର ପରିସର (VISION) :** ଏକ ସୁସ୍ଥ, ସୁଶକ୍ତ ସମାଜ ଗଠନ ଯେଉଁଥିରେ ସମାଜର ସବୁବର୍ଗର ଅଂଶଗ୍ରହଣ ଦ୍ୱାରା ଅବହେଳିତ ବର୍ଗ, ଜନଜାତି ବିଶେଷ ଭାବରେ ମହିଳା ଓ ଶିଶୁମାନଙ୍କର ନ୍ୟାୟ୍ୟଦାବି ହାସଲ ହେବା ସହିତ ସର୍ବାଙ୍ଗୀନ ଉନ୍ନତି ସାଧିତ ହେଉଥିବ ।

**ଅନୁଷ୍ଠାନ ଉଦ୍ଦେଶ୍ୟ (MISSION):** **ୱାର୍ଡ଼** କାର୍ଯ୍ୟ କରୁଥିବା ଅଞ୍ଚଳରେ ସଂଗଠିତ ଉଦ୍ୟମ ଓ ନେତୃତ୍ୱ ବିକାଶ ଦ୍ୱାରା ସମାଜର ପଛୁଆବର୍ଗର ନ୍ୟାଯ୍ୟ ଅଧିକାର ହାସଲ ହେବା ସହିତ ଜୀବନଧାରଣର ମାନ ବୃଦ୍ଧି ହୋଇଥିବ ।

**ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟାବଳୀ ସମ୍ବନ୍ଧରେ ପଦେ ...**

୧. କ୍ଷେତ୍ରାଞ୍ଚଳରେ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ତଥା ରାଜନୈତିକ ବିକାଶ ନିମନ୍ତେ ସୁଦୃଢ଼ ଲୋକ ସଂଗଠନମାନ ଗଠନ କରି ବିଭିନ୍ନ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବିହିତ ପଦକ୍ଷେପ ନେବା ।
୨. ପରିବେଶକୁ ସୁରକ୍ଷା ଦେବା ସହିତ ପ୍ରାକୃତିକ ସମ୍ବଳର ପରିଚାଳନା ତଥା ସୁବିନିଯୋଗ ସହ ଜୀବନ ଜୀବିକା ପାଇଁ ପନ୍ଥା ସୃଷ୍ଟି ତଥା ଜୈବ ବିବିଧତାର ପୁନରୁଦ୍ଧାର କରିବା ।
୩. ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ, ସଂରକ୍ଷଣ, ମୂଲ୍ୟଯୁକ୍ତ କରି ବିକ୍ରୀ ଉପରେ ଗୁରୁତ୍ୱ ପ୍ରଦାନ ।
୪. ବନବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସହ **"ମୋ ଜମି ମୋ ଡିହ"** କାର୍ଯ୍ୟକ୍ରମ ଅନ୍ତର୍ଗତ ହିତାଧିକାରୀଙ୍କୁ ଜମି ପ୍ରାପ୍ତ କରାଇବା ।
୫. ଜୈବିକ/ଚିରନ୍ତନ କୃଷିର ପ୍ରଚାର କରି ଅମଳ ତଥା ଆୟ ବୃଦ୍ଧି କରିବା ।
୬. ଗୋଷ୍ଠୀ ସ୍ୱାସ୍ଥ୍ୟର ସୁରକ୍ଷା ଓ ସୁପରିଚାଳନା କରିବା ।
୭. ମ୍ୟାଲେରିଆ ନିରାକରଣ ଓ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ।
୮. ମହିଳା, ଶିଶୁ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ।
୯. ମାରାତ୍ମକ HIV/AIDs ରୁ ମୁକ୍ତ ନିମିତ୍ତ ସଚେତନତା ସୃଷ୍ଟି କରିବା ।
୧୦. ଚାଷ ଜମିରେ ଜଳସେଚନ ପାଇଁ ବିଭିନ୍ନ ପଦକ୍ଷେପ ନେବା ।
୧୧. ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ।
୧୨. ପତିତ ଜମିର ପୁନରୁଦ୍ଧାର ଓ ତାକୁ ଉତ୍ପାଦନକ୍ଷମ କରିବା ।
୧୩. ସ୍ଥାନୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ।
୧୪. ଶିଶୁ ଶ୍ରମିକ ପ୍ରଥାକୁ ଉଚ୍ଛେଦକରି ୬-୧୪ ବର୍ଷ ଶିଶୁମାନଙ୍କପାଇଁ ବାଧ୍ୟତାମୂଳକ ଶିକ୍ଷା ସହିତ ବୈଷୟିକ ତାଲିମ ଦେଇ ରୋଜଗାର କ୍ଷମ କରାଇବା ।
୧୫. ପ୍ରଚଳିତ ସରକାରୀ ଯୋଜନାର ପ୍ରଣୟନ ଓ ସାମାଜିକ ସୁରକ୍ଷାରେ ଭାଗିଦାର ହେବା ।
୧୬. ଆଦିବାସୀ ଓ ପଛୁଆବର୍ଗର ନିମିତ୍ତ ବିଭିନ୍ନ ଦାବି ହାସଲ ନିମନ୍ତେ ଚାପ ସୃଷ୍ଟି କରିବା ।

ଏ ସବୁ କାର୍ଯ୍ୟକୁ ସଫଳତାର ସହ ରୂପାୟନ କରି **ୱାର୍ଡ଼** ତା'ର ପଦମର୍ଯ୍ୟାଦା ବଜାୟ ରଖିବା ସହ ସାମାଜିକ ବିକାଶରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ଅଙ୍ଗୀକାରବଦ୍ଧ ।


*ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ :*

**ପ୍ରମିଳା ପଣ୍ଡା,** ସମ୍ପାଦିକା

**ୱାର୍ଡ଼**

ଗ୍ରା: ଖଜୁରିଆ, ପୋ: ଆକ୍ଳ, ଭାୟା : ଶିରିଗିଡ଼ା, ଜିଲ୍ଲା : କେନ୍ଦୁଝର (ଓଡ଼ିଶା)

ଫୋନ : 9437251373, E-mail : wordkjr@rediffmail.com

# ଶିକ୍ଷା ଚେତନା କାର୍ଯ୍ୟକ୍ରମ – ଏକ ଦୃଷ୍ଟିପାତ

## କାର୍ଯ୍ୟକ୍ରମର ପୃଷ୍ଠଭୂମି :

ଭୌଗଳିକ ଅବସ୍ଥିତି, ଲିଙ୍ଗଗତ ପ୍ରଭେଦ, ଆଞ୍ଚଳିକ ଭେଦଭାବ ତଥା ଭାଷାଗତ ବୈଷମ୍ୟତାର ଶିକାର ହେଉଥିବା ସାମାଜିକ ତଥା ଆର୍ଥିକ ଦିଗରୁ ଅନଗ୍ରସର ଶ୍ରେଣୀର ୬-୧୪ ବର୍ଷର ଶିଶୁଙ୍କର ଅଧିକାରର ସୁରକ୍ଷା, ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ତଥା ପ୍ରାଥମିକ ଶିକ୍ଷାକୁ ସାର୍ବଜନିନ କରିବା ଉଦ୍ଦେଶ୍ୟରେ ଓ.ଆର.ଇ.ଏସ ନେତୃତ୍ୱରେ ଏଡୁକାନ ଫାଉଣ୍ଡେସନ ସହାୟତାରେ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବି, ଶିକ୍ଷାପ୍ରେମୀ ଲୋକ ସଂଗଠନଗୁଡ଼ିକର ସହଭାଗିତାରେ ଏକ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରି ବିଭିନ୍ନ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ଲୋକାଭିମୁଖୀ ଏବଂ କ୍ରିୟାଶୀଳ କରିବା ପାଇଁ **"ଶିକ୍ଷା ଚେତନା କାର୍ଯ୍ୟକ୍ରମ"** ର ଶୁଭାରମ୍ଭ କରାଯାଇଛି ।

## କାର୍ଯ୍ୟକ୍ରମର ଲକ୍ଷ୍ୟ :

ଗୋଷ୍ଠୀ ସଂଗଠନ ଗୁଡ଼ିକର ସୁଦୃଢ଼ୀକରଣ ତଥା ସ୍ଥାନୀୟ ସମ୍ବଳକୁ ଉପଭୋଗ କରି ସୁନ୍ଦରଗଡ଼ ଓ କେଉଁଝର ଜିଲ୍ଲାର ୪୦ ଗ୍ରାମପଞ୍ଚାୟତର ୩୨୭ ଗ୍ରାମର (୬-୧୪) ବର୍ଷର ସମସ୍ତ ଶିଶୁଙ୍କ ପାଇଁ ପ୍ରାଥମିକ ଶିକ୍ଷା ଉପଲବ୍ଧ କରାଇବା ତଥା ଅଧାରୁ ପାଠ ଛାଡ଼ିଥିବା (୧୫-୧୮) ବର୍ଷର ପିଲାଙ୍କୁ ଧନ୍ଦାମୂଳକ ତାଲିମ ମାଧ୍ୟମରେ ସ୍ୱାବଲମ୍ବୀ କରାଇବା ଶିକ୍ଷା ଚେତନାର ମୁଖ୍ୟ ଲକ୍ଷ୍ୟ ।

## କାର୍ଯ୍ୟକ୍ରମର ଉଦ୍ଦେଶ୍ୟ :

୧. ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଦରିଦ୍ର ତଥା ଅନଗ୍ରସର ଶ୍ରେଣୀର ୬ ରୁ ୧୪ ବର୍ଷର ୩୬.୬୨୮ ଶିଶୁ ଜୀବନ ଜୀବିକା ସହିତ ଜଡ଼ିତ, ବ୍ୟବହାରିକ ଜ୍ଞାନ କୌଶଳ ଉପରେ ପର୍ଯ୍ୟବେସିତ ଶିକ୍ଷା ଯେପରି ବିନାମୂଲ୍ୟରେ ପାଇପାରିବେ ସେଥିପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ।

୨. ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ କାର୍ଯ୍ୟରତ ବ୍ୟକ୍ତିବିଶେଷ, ଲୋକସଂଗଠନ ଗୁଡ଼ିକ ସହ ଯୋଗସୂତ୍ର ସ୍ଥାପନ କରିବା ।

୩. ଜନ ଓକିଲାତି ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ କିପରି ପରିବର୍ତ୍ତନ ଅଣାଯାଇ ପାରିବ ସେଥିପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ଗୋଷ୍ଠୀ ସହଭାଗିତାକୁ ପ୍ରୋତ୍ସାହନ ଦେବା ।

୪. ଗୁଣାତ୍ମକ ଶିକ୍ଷାର ଆଭିମୁଖ୍ୟ, ଶିଶୁ ଅଧିକାର ଏବଂ ତତ୍ ସମ୍ବନ୍ଧୀୟ ବିଭିନ୍ନ ଆଇନ୍ କାନୁନ୍ ସଂପର୍କରେ ଅଭିଭାବକ, ପଞ୍ଚାୟତରାଜ ପ୍ରତିନିଧି, ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନଙ୍କୁ ସଚେତନ କରିବା ।

୫. ବିଦ୍ୟାଳୟଗୁଡ଼ିକର ଉପସ୍ଥାନ ହାର ବୃଦ୍ଧି ସହିତ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ କିପରି ଆନୁଷ୍ଠାନିକ ଶିକ୍ଷା ସହ ଜଡ଼ିତ କରାଯାଇ ପାରିବ, ସେଥିପାଇଁ ଶିକ୍ଷା ଉପଯୋଗୀ ଅନୁକୂଳ ବାତାବରଣ ସୃଷ୍ଟି କରିବା ତଥା ପ୍ରାଥମିକ ଶିକ୍ଷାର ପ୍ରସାର କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଭିନ୍ନ ସମସ୍ୟାକୁ ବିଶ୍ଳେଷଣ କରି ଅଣୁ ଯୋଜନା ପ୍ରସ୍ତୁତ କରିବା ।

୬. ଗ୍ରାମ ତଥା ପଞ୍ଚାୟତ ସ୍ତରରେ ଶିଶୁ ସଂଗଠନ କରାଯାଇ ସଂଘ ମାଧ୍ୟମରେ ଶିଶୁମାନଙ୍କୁ ଏକତ୍ରିତ କରି ସେମାନେ ଯେପରି ନିଜ ଅନୁଭୂତିକୁ ଅନ୍ୟମାନଙ୍କ ସହ ବାଣ୍ଟି ପାରିବେ, ନିଜ ଅଧିକାର ସମ୍ବନ୍ଧରେ ଅବଗତ ହୋଇ ସେଗୁଡ଼ିକ ଉଲଙ୍ଘନ କରାଗଲେ ମିଳିତ ଭାବେ ତା'ର ପ୍ରତିବାଦ କରିପାରିବେ ସେଥିପାଇଁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।

## କାର୍ଯ୍ୟକ୍ରମର ସଫଳତା ପାଇଁ ଅବଲମ୍ବନ କରାଯାଉଥିବା କୌଶଳ :

### ଦାରିଦ୍ର୍ୟ ଦୂରିକରଣ ପାଇଁ:

ଗୁଣାତ୍ମକ ଶିକ୍ଷା ଯେପରି ସହଜରେ ସମସ୍ତଙ୍କ ପାଖରେ ଉପଲବ୍ଧ ହୋଇପାରିବ ସେଥିପାଇଁ ଲିଙ୍ଗଗତ ବୈଷମ୍ୟ, ଭାଷାଗତ ପ୍ରଭେଦ, ଆଞ୍ଚଳିକ ତାରତମ୍ୟଠାରୁ ଉର୍ଦ୍ଧ୍ୱରେ ରହି ସ୍ଥାନୀୟ ସମ୍ବଳକୁ ଉପଯୋଗ କରି ଦାରିଦ୍ର୍ୟ, ଅନାହାର ଭଳି ସମସ୍ୟାକୁ ଆଖି ଆଗରେ ରଖି ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ଏବଂ ସ୍କୁଲରେ ମୂଲ୍ୟବୋଧ ଆଧାରିତ (Life Skill) ଶିକ୍ଷା ଉପଲବ୍ଧ କରାଇବା ସହିତ ଅଧାରୁ ପାଠ ଛାଡ଼ିଥିବା (୧୫-୧୮) ବର୍ଷ ପିଲାଙ୍କ ପାଇଁ ଧନ୍ଦାମୂଳକ ତାଲିମ ପ୍ରଦାନ ।

### ଗୋଷ୍ଠୀ ସଂଗଠନ ଗୁଡ଼ିକର ସୁଦୃଢ଼ୀକରଣ :

ପ୍ରାଥମିକ ଶିକ୍ଷା ସହିତ ସଂଶ୍ଳିଷ୍ଟ ଗୋଷ୍ଠୀ ସଂଗଠନଗୁଡ଼ିକୁ ସୁଦୃଢ଼ କରିବା ସହ ସଂଗଠନ ସହିତ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଦକ୍ଷତା ବୃଦ୍ଧି କରିବା ।

### ଜନ ଓକିଲାତି

ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ପାଠ୍ୟକ୍ରମର ନବୀକରଣ, ଉନ୍ନତମାନର ପାଠ୍ୟ ଉପକରଣ ପ୍ରଚଳନ, ଗତାନୁଗତିକ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ପାଇଁ ଜନ ଓକିଲାତି କରିବା ପରିଶେଷରେ :

୨ଟି ଜିଲ୍ଲାରେ ୧୦ଟି ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ଏହି ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ସାଂପ୍ରତିକ ପରିପ୍ରେକ୍ଷୀରେ ସହଭାଗୀ ଅନୁଷ୍ଠାନ ଗୁଡ଼ିକ ପରୀକ୍ଷାମୂଳକଭାବେ କେତୋଟି ନିର୍ଦ୍ଦିଷ୍ଟ ପଞ୍ଚାୟତରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ସହ ଏହାର ପ୍ରଭାବ ଯେପରି ସୁଦୂର ପ୍ରସାରୀ ହୋଇପାରିବ ସେଥିପାଇଁ ନିଜର ପ୍ରୟାସ ଜାରୀ ରଖିଛନ୍ତି ।